भाकृअनुप – राष्ट्रीय चावल अनुसंधान संस्थान
ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

## କୃଷି ସୂଚନା ସେବା (ଧାନ)

### ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ (ରାଜ୍ୟ ତଥା କେନ୍ଦ୍ର ସରକାର) ଦ୍ୱାରା ସୂଚିତ କୋଭିଡ୍-୧୯ ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ

### ୨୦୨୧ ମସିହା ସେପ୍ଟେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

- ❖ ଅନ୍ୟ ପୁରୁଣା ଗଛରୁ ପିଲ ବାହାର କରି କିମ୍ବା ସେହି କିସମର ବୁଢ଼ାତଳି ବଳକା ଥିଲେ ଶୁନ୍ୟ ସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗମିଟର ପିଛା ୩୩ ଟି ବୁଦା ରହିବ ।

- ❖ ରୁଆଧାନରେ ବାଳୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରନ୍ ମିଥାଇଲ୍ + ପ୍ରିଟିଲାକ୍ଲୋର (ଲୋଣ୍ଡେକ୍ସ ପାଓ୍ୱାର କିମ୍ବା ଇରେଜ ଷ୍ଟ୍ରୋଙ୍ଗ ନାମରେ ବଜାରରେ ଉପଲବ୍ଧ) ଏକରକୁ ୪ କି.ଗ୍ରା ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୩ ରୁ ୭ ଦିନ ପରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୮୦ ଗ୍ରାମ୍ ପାଇରାଜୋସଲଫ୍ୟୁରାନ୍-ଇଥାଇଲ ରୋଇବାର ୩ ରୁ ୫ ଦିନ ପରେ ସିଂଚନ କରନ୍ତୁ କିମ୍ବା ଏକର ପ୍ରତି ୧୨୦ ମି.ଲି. ବିସ୍‌ପାଇରିବାକ୍ ସୋଡିୟମ୍ ୧୦ ଏସ୍. ସି. (ନୋମିନି ଗୋଲ୍ଡ) ରୋଇବାର ୧୦-୧୨ ଦିନ ପରେ କିମ୍ବା ତଳିରୁଆର ୧୫-୨୦ ଦିନ ପରେଏକର ପିଛା ପେନୋକ୍ସୁଲାମ ସହିତ ସାଇହାଲୋଫୋପ ବ୍ୟୁଟାଇଲ (ଭିଭାୟା) ୯୦୦ ମି.ଲି. କିମ୍ବା ଏକର ପ୍ରତି ୨୪୦ ଗ୍ରାମ୍ ଫେନୋକ୍ସାପ୍ରୋପ୍-ପି-ଇଥାଇଲ(ରାଇସଷ୍ଟାର) + ୫୦ ଗ୍ରାମ୍ ଇଥୋକ୍ସିସଲଫ୍ୟୁରନ୍ (ସନ୍‌ରାଇସ୍), ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ସିଂଚନ କରନ୍ତୁ ।

- ❖ ସ୍ୱଳ୍ପ ଖାଲୁଆ ଓ ମଧ୍ୟମ ରୁଆ ଧାନ ଜମିରେ ପିଲ ଆସିବା ସମୟରେ ଅଧିକ ଅମଳକ୍ଷମ କିସମ ପାଇଁ ଏକର ପିଛା ୩୫ କି.ଗ୍ରା. ୟୁରିଆ ଏବଂ ଶଙ୍କର ଜାତୀୟ କିସମ ପାଇଁ ଏକର ପ୍ରତି ୪୨ କି.ଗ୍ରା.ୟୁରିଆ ପ୍ରୟୋଗ କରନ୍ତୁ ।

- ❖ ଯେଉଁ ଜମିରେ ଦସ୍ତା ପରିମାଣ କମ୍ ଥିବ, ଏକ ଏକର ପିଛା ଜିଙ୍କ୍ ଇ.ଡି.ଟି.ଏ ୧ ଲିଟର ପାଣିରେ ଅଧା ଗ୍ରାମ ମିଶାଇ ତଳି ରୋଇବାର ୩୦ ଦିନ ଏବଂ ୪୫ ଦିନ ପରେ ଦୁଇ ଥର ସିଂଚନ କରନ୍ତୁ କିମ୍ବା ଜିଙ୍କ୍ ସଲଫେଟ୍ ୦.୫% ଦ୍ରବଣ (ଅର୍ଥାତ୍ ଏକର ପାଇଁ ୨ କି.ଗ୍ରା. ଜିଙ୍କ୍ ସଲଫେଟ୍ ସହିତ ୧୦ କି.ଗ୍ରା. ଚୂନକୁ ୪୦୦ ଲିଟର ପାଣିରେ ପ୍ରସ୍ତୁତ ଦ୍ରବଣ) ୧୫ ଦିନ ବ୍ୟବଧାନରେ ତିନି ଥର ସିଂଚନ କରନ୍ତୁ ।

- ❖ କାଣ୍ଡବିନ୍ଧା ପୋକ ପ୍ରାଦୁର୍ଭାବ ସମ୍ଭାବନା ଥିବା ଅଂଚଳରେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀର ଅଣ୍ଡା ଏକର ପ୍ରତି ୫୦,୦୦୦ (ଅର୍ଥାତ୍ ୩ଟି ଟ୍ରାଇକୋକାର୍ଡ) ପ୍ରଜାପତି ଦେଖାଦେବା ଯାଏ ପ୍ରତି ସପ୍ତାହ ଅନ୍ତରରେ ବ୍ୟବହାର କରନ୍ତୁ ।

- ❖ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ ତଥା ଅନ୍ୟ ଅନିଷ୍ଟକାରୀ ପୋକମାନଙ୍କର ଦମନ ପାଇଁ ହେକ୍ଟର ପିଛା ଗୋଟିଏ ଲାଇଟ ଟ୍ରାପ୍ (ଆଲୋକ ଯନ୍ତା) ବ୍ୟବହାର କରନ୍ତୁ ।

- ❖ ଧାନ ଫସଲରେ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ଏକର ପିଛା ତିନୋଟି ଫେରୋମୋନ୍ ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଦିନରେ ଟ୍ରାପ୍ ପିଛା ୩ ରୁ ଅଧିକ ପୁରୁଷ ପ୍ରଜାପତି ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ସମାନ ଭାବରେ ବାଲି ମିଶାଇ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁଏକର ପିଛା ୬୦ ମି.ଲି. କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୬୪୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ଯଦି ଲେଡାପୋକ, ବିରହା ପୋକ କିମ୍ବା ନଳିପୋକ ଦେଖାଯାଏ ତେବେ ଏକର ପିଛା କ୍ଲୋରୋପାଇରିଫସ୍ ୨୦ ଇ.ସି. ୪୦୦ ମି.ଲି. କିମ୍ବା ଟ୍ରାଇଜୋଫସ୍ ୪୦ ଇ.ସି. ୫୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- ଯଦି ବଙ୍ଗୀପୋକ ଦେଖାଯାଏ ତେବେ ଏକର ପ୍ରତି କାର୍ବୋସଲଫାନ୍ ୨୫% ଇ.ସି. ୪୦୦ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା. କିମ୍ବା କାର୍ବୋଫୁରାନ୍ ୩ ଜି. ୧୦ କି.ଗ୍ରା. ପ୍ରୟୋଗ କରନ୍ତୁ ।

- ମାଟିଆଗୁଣ୍ଡିପୋକ(ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍. ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ଚକଡା ପୋକ ଦମନ ପାଇଁ ସଦାସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ପତ୍ରାଚ୍ଛଦ ପୋଡାରୋଗ ଦମନ କରିବା ପାଇଁ ଏକର ପ୍ରତି ପ୍ରୋପିକୋନାଜୋଲ୍ ୭୫% ୨୦୦ ମି.ଲି. କିମ୍ବା ହେକ୍ସାକୋନାଜଲ ୫୦% ୪୦୦ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ ଏଲ୍ ୪୦୦ ମି.ଲି. କିମ୍ବା ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି ୮୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ । ଏକ ଏକର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।

- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖାଦେଲେ ଏକର ପ୍ରତି ଷ୍ଟ୍ରେପ୍ଟୋମାଇସିନ୍ ସଲଫେଟ୍ (୯%) + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ (୧%) ୨୦୦ ଗ୍ରାମ୍ ସହିତ କପର୍ ଅକ୍ସିକ୍ଲୋରାଇଡ୍ ୨୦୦ ଗ୍ରାମ୍ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।

- ମହିଷାରୋଗ ଦେଖା ଦେଲେ ଏକର ପ୍ରତି ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୪୦୦ ଗ୍ରାମ ହିସାବରେ ସିଂଚନ କରନ୍ତୁ । ନତୁବା ଏକ ଲିଟର ପାଣିରେ ସତେଜ ବେଲପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ସିଂଚନ କରନ୍ତୁ । ନତୁବା ଜୈବିକ ଉପଚାର ଭାବେ ଏକର ପ୍ରତି ଟ୍ରାଇକୋଡର୍ମା ଭିରିଡି(ଅନ୍ୟୁନ ୧୦$^{୬}$ ସି.ଏଫ୍.ୟୁ) ୨ କି.ଗ୍ରା. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ବୁଣାଧାନରେ ପତ୍ରଚିତା ରୋଗ ଦେଖାଦେଲେ ଏକର ପ୍ରତି ୨୦୦ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା ୪୦୦ ଗ୍ରାମ୍ ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି କିମ୍ବା ଏକର ପ୍ରତି ୩୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% + ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି ଭଲ ଭାବେ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ
- ୪୫ ଦିନରୁ ଅଧିକ ହୋଇଥିବା ବୁଣାଧାନ ଚାଷଜମିରେ ବେଉଷଣି ନକରିବା ଉଚିତ୍ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

**ନିଂଅଟିଆ ବର୍ଷା ତଥା ଜଳସେଚନର ସୁବିଧା ନଥିବା ଧାନ ଫସଲ ଅଂଚଳରେ ଉପୁଜୁଥିବା ସମ୍ଭାବ୍ୟ ମରୁଡିକୁ ଦୃଷ୍ଟିରେ ରଖି ବିଶେଷ ଫସଲ ପରିଯୋଜନା**

- ❖ ରୁଆ କିମ୍ବା ବୁଣାଧାନରେ ଉପଯୁକ୍ତ ବତର ଥିଲେ ହିଁ ସେ ଜମିରେ ଶୀର୍ଷସାର ପକାନ୍ତୁ । ଯଦି ଖାଲୁଆ କିମ୍ବା ମଧ୍ୟମ ଜମିରେ ଯୁରିଆ ପିଲସାର ଭାବେ ପ୍ରୟୋଗ ହୋଇନାହିଁ ତେବେ ୨% ଯୁରିଆ ଦ୍ରବଣ(ଏକ ଲିଟର ପାଣିରେ ୨୦ ଗ୍ରାମ) ସିଂଚନ କରନ୍ତୁ ।
- ❖ ଉପକୂଳବର୍ତ୍ତୀ ଅଂଚଳରେ ଉପଯୁକ୍ତ ବର୍ଷା ହେବାମାତ୍ରେ ୬୦ ଦିନିଆ ବଡଧାନ କିସମ ତଳି କିମ୍ବା ୪୫ ଦିନିଆ ମଧ୍ୟମ କିସମ ତଳି ରୋଇପାରିବେ କିମ୍ବା  ଦାପୋଗ ପ୍ରଣାଳୀରେ ପ୍ରସ୍ତୁତ ଅଳ୍ପ ଦିନିଆ କିସମ ତଳିକୁ ସେପ୍ଟେମ୍ବର ୧୦  ତାରିଖ ସୁଦ୍ଧା ରୋଇପାରିବେ । କିନ୍ତୁ  କେନ୍ଦ୍ରାଂଚଳ ଓ ପଶ୍ଚିମାଂଚଳ ଓଡ଼ିଶାରେ ଆଉ ଧାନଫସଲ ନକରିବା ପାଇଁ ଉପଦେଶ ଦିଆଯାଉଛି , କାରଣ ଏବେ ଧାନ ଫସଲ କଲେ ଫୁଲ ଉଡେଇବା ସମୟରେ ଅତ୍ୟଧିକ ଥଣ୍ଡା ପଡିଯିବାର ସମ୍ଭାବନା ରହୁଛି ।
- ❖ ଜମିରେ ଉପଯୁକ୍ତ ବତର ନଥିବା ସମୟରେ ଘାସମରା ଔଷଧ ପ୍ରୟୋଗ କରନ୍ତୁ ନାହିଁ ।
- ❖ ଜମିର ବତର ଅଭାବ ଥିଲେ ଶୁଖିଲା ବୁଣା ଧାନରେ କାଓଲିନ୍ ୩% କିମ୍ବା ପୋଟାସିୟମ୍ କ୍ଲୋରାଇଡ୍ ୧% କିମ୍ବା ସାଇକୋସେଲ୍ ୧୦୦୦ ପିପିଏମ୍ (ଏକ ଲିଟର ପାଣିରେ ଏକ ଗ୍ରାମ ହିସାବରେ) ସିଂଚନ କରନ୍ତୁ ।
- ❖ ମରୁଡି ପ୍ରଭାବିତ ଅଂଚଳରେ ଯେଉଁଠି ଧାନ ଫସଲ ହୋଇପାରିବ ନାହିଁ ଉଚ୍ଚ ଓ ମଧ୍ୟମ ଜମିରେ ଚାଷୀଭାଇମାନେ କୋଶଳା ଶାଗ, ମାଂଡିଆ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପଦିନିଆ ପୂର୍ବ ରବି ଫସଲ ହିସାବରେ କରିପାରିବେ ।

*****